
ଗୋଷାଣି ନୂଆଗାଁ ଉତ୍ତରେଶ୍ୱର ଆଡ଼ପ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କ ରାମ ବେଶ


ସାନବଜାର ଛକ ଆଡ଼ପ ମଣ୍ଡପରେ ରାମ ବେଶ


ଲାଞ୍ଜିପଲ୍ଲୀ ରଘୁନାଥ ମଠ ଆଡ଼ପ ମଣ୍ଡପରେ ଶ୍ରୀଜଗନ୍ନାଥଙ୍କ ରାମ ବେଶ

# ଟମାଟୋ ଦର ଆକାଶଛୁଆଁ, କିଲୋ ୧୦୦

ବ୍ରହ୍ମପୁର (ସ୍ମୃତି ରଞ୍ଜନ ମହାଲିକ),୨୭।୬

ସୁଦୂର ବାଙ୍ଗାଲୋରରୁ ବ୍ରହ୍ମପୁରକୁ ଆସୁଛି ଟମାଟୋ। ଫଳରେ ବ୍ରହ୍ମପୁର ବଜାରରେ ଟମାଟୋ ଦର ଅହେତୁକ ବୃଦ୍ଧି ପାଇଛି। ବର୍ତ୍ତମାନ ବ୍ରହ୍ମପୁରର ଭେଣ୍ଡିଂ ଜୋନଠାରୁ ଆରମ୍ଭ କରି ଖୁଚୁରା ବଜାରରେ ଟମାଟୋ କିଲୋ ପିଛା ଦର ୧୦୦ଟଙ୍କା ରହିଛି। ଯାହାକୁ ନେଇ ଗ୍ରାହକ ଚିନ୍ତା ପ୍ରକଟ କରିଛନ୍ତି। ଗତ ୨ ଦିନ ତଳେ ଟମାଟୋ କିଲୋ ପିଛା ୭୦ରୁ ୮୦ ଟଙ୍କା ରହିଥିଲା। ବର୍ତ୍ତମାନ ଦର ବୃଦ୍ଧି ହୋଇଥିବା କାରଣରୁ ଗ୍ରାହକ ୧ କେଜି ବଦଳରେ ୨୫୦ ଗ୍ରାମ ଟମାଟୋ କିଣୁଛନ୍ତି। ସେହିଭଳି ବର୍ତ୍ତମାନ ବାହାଘର ସିଜନ ଚାଲିଥିବା ବେଳେ ଟମାଟୋ ଦର ବୃଦ୍ଧି ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତି ନିମନ୍ତେ ଟମାଟୋ ବ୍ୟବହାର ସାମାନ୍ୟତମ କମିଛି। ଭୋଜିରେ ୫ କେଜି ଟମାଟୋ ସ୍ଥାନରେ ୨ କେଜି ଟମାଟୋ କିଣି ନେଉଥିବା ବହୁ ବ୍ୟବସାୟୀ କହିଛନ୍ତି। ଏ ନେଇ କ୍ଷତି ସହୁଥିବା ବ୍ୟବସାୟୀ ରମେଶ ସାହୁ କହିଛନ୍ତି। ଅନ୍ୟପଟେ ଡାଲିର ଦର ୧୩୦ ଟଙ୍କା ରହିଥିବା ବେଳେ ବର୍ତ୍ତମାନ ପୁଣି ଟମାଟୋ ଦର ବୃଦ୍ଧି ମଧ୍ୟବିତ୍ତ ଓ ଗରିବ ପରିବାରଙ୍କ କ୍ଷେତ୍ରରେ ବେଢ଼ି କରୋଡା ମାଡ ସଦୃଶ ପାଲଟିଛି। ତେବେ ବିଭିନ୍ନ ସୁସ୍ୱାଦୁ ଖାଦ୍ୟ ପ୍ରସ୍ତୁତିରେ ଜରୁରୀ ଥିବା ଟମାଟୋ ଏବେ ବାଦ ପଡିଥିବା ଦେଖିବାକୁ ମିଳିଛି। ସୂଚନା ଥାଉ କି, ପୂର୍ବରୁ ଗଞ୍ଜାମ ଜିଲାର ହିଞ୍ଜିଳି, ପୁରୁଷୋତ୍ତମପୁର, ବୁରୁପୋଡା ଭଳି ଜିଲାର ବିଭିନ୍ନ ସ୍ଥାନରୁ ଟମାଟୋ ଆମଦାନୀ ହେଉଥିଲା। କିନ୍ତୁ ବର୍ତ୍ତମାନ ଜିଲାର ସ୍ଥାନୀୟ ଅଞ୍ଚଳରୁ ଟମାଟୋ ଆଉ ଆମଦାନୀ ହେଉ ନାହିଁ। ବର୍ତ୍ତମାନ ବାଙ୍ଗଲୋରରୁ ଟମାଟୋ ବଡ ବଜାର, ପୁରଷୋତ୍ତମପୁର ଓ ହିଞ୍ଜିଳିରୁ ଆସୁଛି। ଏହି ସବୁ ସ୍ଥାନରୁ ବ୍ୟବସାୟୀମାନେ ପେଟି ହିସାବରେ ଟମାଟୋ କିଣୁଛନ୍ତି। ଏହି ପେଟିରେ ସାଧାରଣତଃ ୨୫ କେଜି ଟମାଟୋ ରହିଥାଏ। ଯାହାର ଦର ବର୍ତ୍ତମାନ ୨୦୦୦ ଟଙ୍କା ରହିଛି। ଯାହାର ଦାମ ପୂର୍ବରୁ ୨୦୦ରୁ ୩୦୦ ଟଙ୍କା ରହିଥିଲା। ବର୍ତ୍ତମାନ ଅତ୍ୟଧିକ ଦର ବୃଦ୍ଧି କାରଣରୁ ବଜାରରେ ମଧ ଦର ବୃଦ୍ଧି ଘଟିଥିବା ବ୍ୟବସାୟୀମାନେ କହିଛନ୍ତି। ସ୍ଥାନୀୟ ଅଞ୍ଚଳରୁ କୌଣସି ଟମାଟୋ ଆସୁ ନାହିଁ। ବର୍ତ୍ତମାନ ବଜାରରେ କେବଳ ବାଙ୍ଗାଲୋର ଟମାଟୋ ହିଁ ଉପଲବ୍ଧ, ଯାହାଦ୍ୱାରା ଦର ବୃଦ୍ଧି ଘଟିଛି। ଆଗାମୀ ୩ ମାସ ଯାଏଁ ଦର ବୃଦ୍ଧି ଜାରିରହିବ ବୋଲି ବହୁ ବ୍ୟବସାୟୀ କହିଛନ୍ତି। ଅନ୍ୟପଟେ ପେଟିରେ ଆସୁଥିବା ବହୁ ଟମାଟୋ ଖରାପ ଥିବା କାରଣରୁ ବ୍ୟବସାୟୀମାନେ ମଧ କ୍ଷତି ସହୁଥିବା କହିଛନ୍ତି। ତେବେ ଦର ବୃଦ୍ଧିକୁ ନେଇ ଯୋଗାଣ ବିଭାଗ ପକ୍ଷରୁ ଯାଞ୍ଚ କରାଯିବା ନେଇ ପ୍ରସ୍ତୁତି ହୋଇଛି। ଏ ନେଇ ଆସିଷ୍ଟାଣ୍ଟ ସିଭିଲ ସପ୍ଲାଏ ଅଫିସର ସକଳେଶ୍ୱର ଦାଶ କହିଛନ୍ତି ଯେ, ଟମାଟୋ ଦର ବୃଦ୍ଧି ନେଇ ଅବଗତ ଅଛୁ। ପୂର୍ବରୁ କୋରାପୁଟ ଓ ଫୁଲବାଣୀ ସମେତ ଜିଲାର ବିଭିନ୍ନ ପ୍ରାନ୍ତରୁ ଟମାଟୋ ଆମଦାନୀ ହୋଇଥିଲା, ଯାହାଦ୍ୱାରା ଦର ମଧ କମିଥିଲା। କିନ୍ତୁ ବର୍ତ୍ତମାନ ଟମାଟୋ ସ୍ଥାନୀୟ ଅଞ୍ଚଳରୁ ଆସୁ ନାହିଁ। କିନ୍ତୁ ଦର ବୃଦ୍ଧି ନେଇ ସହରରେ ରହିଥିବା ବିଭିନ୍ନ ଭେଣ୍ଡିଂ ଜୋନରେ ଯାଞ୍ଚ କରାଯିବ ବୋଲି ସେ କହିଛନ୍ତି।


ବଜାରରେ ବିକ୍ରି ହେଉଥିବା ଟମାଟୋ।

ସେଲ୍ଫି କର୍ନର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି
bmpselfie@gmail.com


@ ପ୍ରତ୍ୟୁଷ


@ ଲୁସି


@ ସିପି

ସେଲ୍ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

## ଏନ୍‌ସିସି ନାଭାଲ ୟୁନିଟ ପକ୍ଷରୁ ବାର୍ଷିକ ପ୍ରଶିକ୍ଷଣ ଶିବିର

ବ୍ରହ୍ମପୁର(ସ୍ମୃତି ରଞ୍ଜନ ମହାଲିକ),୨୭।୬

ଓଡିଶା ନାଭାଲ ୟୁନିଟ (୧) ଏନସିସି ପକ୍ଷରୁ ମଙ୍ଗଳବାର ବାର୍ଷିକ ପ୍ରଶିକ୍ଷଣ ଶିବିର ଆଙ୍କୁଶପୁରଠାରେ ଉଦଘାଟିତ ହୋଇଯାଇଛି। ଏହି ଶିବିର ୧୦ ଦିନ ଧରି ଚାଲିବ। ଶିବିରରେ ୟୁନିଟ ଅଧୀନରେ ଥିବା ୪ଟି ଜିଲାର ୯ଟି ବିଦ୍ୟାଳୟ ଓ ୬ଟି ମହାବିଦ୍ୟାଳୟର ପ୍ରାୟ ୫୦୦ କ୍ୟାଡେଟ ଯୋଗ ଦେଇଛନ୍ତି। ନାଭାଲ ୟୁନିଟର କମାଣ୍ଡର ଡି ଜେ ସିଂଙ୍କ ତତ୍ତ୍ୱାବଧାନରେ ଶିବିର ଉଦଘାଟିତ ହୋଇଥିଲା। ଶିବିରରେ ଡ୍ରିଲ ରାଇଫଲ ଡ୍ରିଲ, ଫାୟରିଂ ସିପ ମୋଡଲିଂ, ସିମାଫୋର, ବୋଟ ପୁଲିଂ, ସେଲିଂ, ବେଷ୍ଟ କ୍ୟାଡେଟ, ନେଭିଗେସନ, ବୋଟ ରିଗିଂ, ସି ମେନ ସିପ ଭଳି ପ୍ରଶିକ୍ଷଣ ଦିଆଯାଉଛି। ଏହି ଶିବିରରୁ ଆସନ୍ତା ଜାତୀୟ କ୍ୟାମ୍ପ ପାଇଁ କ୍ୟାଡେଟଙ୍କୁ ଚୟନ କରାଯିବ ବୋଲି ସୂଚନା ମିଳିଛି।


ଶିବିରରେ ଯୋଗ ଦେଇଥିବା ଏନ୍‌ସିସି କ୍ୟାଡେଟ।

## ଲାଞ୍ଚ ଗ୍ରହଣ ମାମଲା, ତତ୍କାଳୀନ ମୁଖ୍ୟ କିରାଣି ନିର୍ଦ୍ଦୋଷ

ବ୍ରହ୍ମପୁର (ସୁବାସ ଚନ୍ଦ୍ର ପାଢ଼ୀ),୨୭।୬

ସ୍ୱତନ୍ତ୍ର ଭିଜିଲାନ୍ସ ଜଜ ଡ. ଅରୁଣ କୁମାର ସାହୁ ଏକ ଲାଞ୍ଚ ଗ୍ରହଣ ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ପ୍ରମାଣ ଅଭାବରୁ ସେ ଗଜପତି ଜିଲା କାଶିନଗର ବ୍ଲକର ତତ୍କାଳୀନ ମୁଖ୍ୟ କିରାଣି ସୁରେନ୍ଦ୍ର ମହାକୁଡଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରିଛନ୍ତି। ସୁରେନ୍ଦ୍ର ଏବେ ପାରଳାଖେମୁଣ୍ଡି ଜିଲା ଶିକ୍ଷାଧିକାରୀ କାର୍ଯ୍ୟାଳୟରେ କିରାଣି ଭାବେ କାମ କରୁଛନ୍ତି। ଘଟଣାରୁ ପ୍ରକାଶ ଯେ, ପାରଳାଖେମୁଣ୍ଡି ରାଜପୁର ସାହିର ଶ୍ୟାମସୁନ୍ଦର ପଟ୍ଟନାୟକ କାଶିନଗର ବ୍ଲକ ଅନ୍ତର୍ଗତ ଅଲଡ଼ା ପ୍ରାଥମିକ ବିଦ୍ୟାଳୟରେ ଶିକ୍ଷକ ଥିଲେ। ସେ ଅବସର ନେବା ପରେ ତାଙ୍କର ପେନସନ ଓ ଅନ୍ୟାନ୍ୟ କାଗଜପତ୍ର କରିବା ପାଇଁ ସେ ମୁଖ୍ୟ କିରାଣୀ ସୁରେନ୍ଦ୍ରଙ୍କୁ ସାକ୍ଷାତ କରିଥିଲେ। ଏହି ସବୁ ବିଲ ପାସ କରିବା ପାଇଁ ସୁରେନ୍ଦ୍ର ଅବସରପ୍ରାପ୍ତ ଶିକ୍ଷକଙ୍କୁ ୧୦ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଶ୍ୟାମସୁନ୍ଦର ଏନେଇ ଭିଜିଲାନ୍ସ ବିଭାଗରେ ଅଭିଯୋଗ କରିଥିଲେ। ଯୋଜନା ମୁତାବକ ୨୦୧୮ ଅକ୍ଟୋବର ୨୫ ତାରିଖରେ ଶ୍ୟାମସୁନ୍ଦର ଉକ୍ତ ବ୍ଲକ କାର୍ଯ୍ୟାଳୟକୁ ଯାଇ ସେଠାରେ ମୁଖ୍ୟ କିରାଣି ସୁରେନ୍ଦ୍ର ମହାକୁଡଙ୍କୁ ଦାବି ମୁତାବକ ୧୦ ହଜାର ଟଙ୍କା ଲାଞ୍ଚ ଦେଇଥିଲେ। ଭିଜିଲାନ୍ସ ଟିମ ସେଠାରେ ଚଢଉ କରି ଲାଞ୍ଚ ଟଙ୍କା ଜବତ କରିବା ସହ ସୁରେନ୍ଦ୍ରଙ୍କୁ ଗିରଫ କରିଥିଲା। ମାମଲା ନମ୍ବର ୪୬/୧୮ରେ ତାଙ୍କୁ କୋର୍ଟ ଚାଲାଣ କରାଯାଇଥିଲା। ତଦନ୍ତକାରୀ ଅଧିକାରୀ ତଥା ତତ୍କାଳୀନ ଭିଜିଲାନ୍ସ ଇନ୍ସପେକ୍ଟର ସୁବାସ ଚନ୍ଦ୍ର ବିଷୋୟୀ କୋର୍ଟରେ ଚାର୍ଜସିଟ ଦାଖଲ କରିଥିଲେ। ମାମଲାର ବିଚାର ବେଳେ ୧୧ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ମାମଲାର ରାୟ ପ୍ରକାଶ ବେଳେ ସୁରେନ୍ଦ୍ର ମହାକୁଡଙ୍କୁ କୋର୍ଟରେ ହାଜର କରାଯାଇଥିଲା। ସାକ୍ଷୀ ମାନଙ୍କ ବୟାନକୁ ଭିତ୍ତି କରି ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜଜ ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ମୁଦୁଲାଙ୍କ ପକ୍ଷରୁ ଆଇନଜୀବୀ ପ୍ରସାଦ କୁମାର ପଟ୍ଟନାୟକ ଓ ପ୍ରଦୀପ କୁମାର ପାଣିଗ୍ରାହୀ ମକଦ୍ଦମା ପରିଚାଳନା କରିଥିଲେ।

## ବିଧାୟକ ରମେଶ ଜେନାଙ୍କ ସମେତ ୩ ନିର୍ଦ୍ଦୋଷ

### ସୁନା ବ୍ୟବସାୟୀଙ୍କୁ ଦାଦାବଟି ମାମଲା

ବ୍ରହ୍ମପୁର (ସୁବାସ ଚନ୍ଦ୍ର ପାଢ଼ୀ),୨୭।୬

ଏମପି ଓ ବିଧାୟକଙ୍କ ମାମଲା ବିଚାର ପାଇଁ ରହିଥିବା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଜେଏମଏଫସି) ମଙ୍ଗଳବାର ଏକ୍ ଦାଦାବଟି ମାଗିବା ମାମଲାର ଚୂଡାନ୍ତ ରାୟ ପ୍ରକାଶ କରିଛନ୍ତି। ସାନଖେମୁଣ୍ଡି ବିଧାୟକ ରମେଶ ଚନ୍ଦ୍ର ଜେନା, ଅର୍ବାନ ବ୍ୟାଙ୍କ ସଭାପତି ଆର. ମୁରଲୀ ମୋହନ ଓ ଆଇନଜୀବୀ ବି. ଭାଗିରଥି ରାଓ ଜେଏମଏଫସି କୋର୍ଟରେ ହାଜର ହୋଇଥିଲେ। ସେମାନଙ୍କର ବୟାନ ରେକର୍ଡ କରାଯାଇଥିଲା। ଉକ୍ତ ମାମଲାର ରାୟ ପ୍ରକାଶ ବେଳେ ପ୍ରମାଣ ଅଭାବରୁ ସେମାନଙ୍କୁ ନିର୍ଦ୍ଦୋଷ ସାବ୍ୟସ୍ତ କରାଯାଇଛି। ଘଟଣାରୁ ପ୍ରକାଶ ଯେ, ବଡବଜାର ଥାନା ଅଞ୍ଚଳର ଜଣେ ସୁନା ବ୍ୟବସାୟୀ ଭି. ଚନ୍ଦ୍ରଶେଖର ରାଓଙ୍କ ଜମି କ୍ରୟ ପାଇଁ ଉପରୋକ୍ତ ଅଭିଯୁକ୍ତମାନଙ୍କ ସହ ଚୁକ୍ତି ହୋଇଥିଲା। ସେଥିପାଇଁ ୧୦ଲକ୍ଷ ଟଙ୍କା ଦିଆଯାଇଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ରମେଶ ଓ ତାଙ୍କ ସହଯୋଗୀମାନେ ସୁନା ବ୍ୟବସାୟୀଙ୍କ ଚୁକ୍ତିର ଖିଲାପ କରିଥିଲେ। ପରେ ତାଙ୍କ ଠାରୁ ୧୦ଲକ୍ଷ ଟଙ୍କା ଦାଦାବଟି ହିସାବରେ ବିଧାୟକ ରମେଶ ଓ ତାଙ୍କର ସହଯୋଗୀ ମାନେ ନେଇଯାଇଥିଲେ। ବ୍ୟବସାୟୀ ଜଣଙ୍କ ଏନେଇ ବଡବଜାର ଥାନାରେ ଅଭିଯୋଗ କରିଥିଲେ। ପୋଲିସ ନଂ ୨୫/୧୬ରେ ମାମଲା ରୁଜୁ କରିଥିଲା। ଉକ୍ତ ମାମଲାର ବିଚାର ବେଳେ କୋର୍ଟରେ ୮ ଜଣ ସାକ୍ଷୀଙ୍କ ବୟାନ ରେକର୍ଡ କରାଯାଇଥିଲା। ଉପଯୁକ୍ତ ପ୍ରମାଣ ମିଳିନଥିବାରୁ ଜେଏମଏଫସି ମିଶ୍ର ଉପରୋକ୍ତ ରାୟ ପ୍ରକାଶ କରିଛନ୍ତି। ଅଭିଯୁକ୍ତଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ କିଶୋର ବିଷୋୟୀ, ନିର୍ମଳ ସାହୁ ଓ ସରୋଜ ଗୌଡ଼ ମକଦ୍ଦମା ପରିଚାଳନା କରିଥିଲେ।

## ଟିପିଏସ୍‌ଓଡିଏଲ ପକ୍ଷରୁ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ

ବ୍ରହ୍ମପୁର(ସ୍ମୃତି ରଞ୍ଜନ ମହାଲିକ),୨୭।୬

ଦକ୍ଷିଣ ଓଡିଶାର ବିଦ୍ୟୁତ ବଣ୍ଟନ ପାଇଁ ଟାଟା ପାୱାର ଏବଂ ଓଡିଶା ସରକାରଙ୍କ ଯୌଥ ଉଦ୍ୟୋଗ ଟିପି ସଦର୍ଣ୍ଣ ଓଡିଶା ଡିଷ୍ଟ୍ରିବ୍ୟୁସନ ଲିମିଟେଡ (ଟିପିଏସଓଡିଏଲ) ପକ୍ଷରୁ ଗତ ୨୬ ତାରିଖଠାରୁ ଦକ୍ଷିଣ ଓଡିଶାରେ ଥିବା ସମସ୍ତ କାର୍ଯ୍ୟାଳୟ ଓ ୧୯ଟି ଡିଭିଜନରେ ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳିତ ହୋଇଯାଇଛି। ଜାତୀୟ ବିଦ୍ୟୁତ ସୁରକ୍ଷା ସପ୍ତାହ ପାଳନ ଆସନ୍ତା ଜୁଲାଇ ୨ତାରିଖ ଯାଏଁ ଜାରି ରହିବ। ସୁରକ୍ଷା ଓ ଶୂନ ଆଘାତର ଏକ ସଂସ୍କୃତିର ପ୍ରସାର କରିବା ବିଦ୍ୟୁତ ସୁରକ୍ଷା ସପ୍ତାହର ମୁଖ୍ୟ ଉଦ୍ଦେଶ୍ୟ ବୋଲି କଂପାନୀ ପକ୍ଷରୁ କୁହାଯାଇଛି। ଏହି କ୍ଷେତ୍ରରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କ ସମେତ ସମସ୍ତ କର୍ମଚାରୀ ଓ ବିଜନେସ ଆସୋସିଏଟସଙ୍କୁ ସୁରକ୍ଷା ଅଧିବେଶନ ଏବଂ ତାଲିମ ଜରିଆରେ ସର୍ବଦା ନିଶ୍ଚିତ ରୂପେ ସୁରକ୍ଷା ପଦକ୍ଷେପ ଗ୍ରହଣ କରିବା ପାଇଁ ସଚେତନ କରାଯାଉଛି ବୋଲି କଂପାନୀ ପକ୍ଷରୁ କୁହାଯାଇଛି।

## ଅପରାଧୀ କୁନାଙ୍କ ସ୍ତ୍ରୀ ସୁନିତାଙ୍କ ଆତ୍ମସମର୍ପଣ

ବ୍ରହ୍ମପୁର( ସୁବାସ ଚନ୍ଦ୍ର ପାଢ଼ୀ),୨୭।୬

ଦୁର୍ଦ୍ଧାନ୍ତ ଅପରାଧୀ କୁନା ବେହେରା ଓରଫ ଜଡ଼ାଙ୍କ ସ୍ତ୍ରୀ ସୁନିତା ପ୍ରଧାନ ମଙ୍ଗଳବାର ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ (ଗ୍ରାମାଞ୍ଚଳ) ଜୁଏଲ ପଟ୍ଟନାୟକଙ୍କ କୋର୍ଟରେ ଆତ୍ମସମର୍ପଣ କରିଥିଲେ। ତାଙ୍କ ଜାମିନ ପାଇଁ କୋର୍ଟରେ ଆବେଦନ କରାଯାଇଥିଲା। ପରେ ତାଙ୍କୁ ମାଜିଷ୍ଟ୍ରେଟ ବିଚାର ବିଭାଗୀୟ ହାଜତକୁ ପଠାଇ ଦେଇଛନ୍ତି। କୋର୍ଟରେ କେସ ଡାଏରି(ସିଡ଼ି) ଦାଖଲ କରିବାକୁ ପୋଲିସକୁ ନିର୍ଦ୍ଦେଶ ହୋଇଛି। ଆସନ୍ତା ୩ ତାରିଖରେ ଉକ୍ତ ଜାମିନ ଆବେଦନର ଶୁଣାଣି ହେବ ବୋଲି ଜଣାପଡିଛି।

ପ୍ରକାଶ ଯେ, ଜଙ୍ଗଲ କିଙ୍ଗ ଭାବେ ପରିଚିତ ଦୁର୍ଦ୍ଧାନ୍ତ କୁନା ଓ ତାଙ୍କ ସହଯୋଗୀ ମାନେ ଅଞ୍ଚଳରେ ବିଭିନ୍ନ ବ୍ୟବସାୟୀଙ୍କ ଠାରୁ ଦାଦାବଟି ମାଗୁଥିବା ଅଭିଯୋଗ ହୋଇଛି। ଗତ ମାର୍ଚ୍ଚ ୨୯ ତାରିଖରେ ଜଣେ ମାଛ ବ୍ୟବସାୟୀଙ୍କୁ କୁନା, ତାଙ୍କ ଶଶୁର ଓ ସ୍ତ୍ରୀ ବୋମା ପକାଇ ଜୀବନ ମାରିଦେବାକୁ ଧମକଚମକ ଦେଇଥିଲେ। ଏନେଇ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ୧୭୨/୨୩ ରେ ଏକ ମାମଲା ରୁଜୁ କରିଥିଲା। ପୂର୍ବରୁ ଗତ ମଇ ଦୁଇ ତାରିଖରେ ଅନ୍ୟ ଏକ ମାମଲାରେ କୁନା ବେହେରା ଖୋର୍ଦ୍ଧା ଜିଲାର ବାଣପୁର କୋର୍ଟରେ ଆତ୍ମସମର୍ପଣ କରି ସେଠାକାର ଜେଲରେ ସେ ଏବେ ବିଚାରାଧୀନ ବନ୍ଦୀ ଭାବେ ରହିଛନ୍ତି।

## ସିଟି ମହାବିଦ୍ୟାଳୟରେ ଛାତ୍ର ଅଶାନ୍ତି

### ପରୀକ୍ଷା ବାତିଲ ନ ହେଲେ ରାସ୍ତାକୁ ଓହ୍ଲାଇବାକୁ ଧମକ

ବ୍ରହ୍ମପୁର(ତନୁଶ୍ରୀ ନାହାକ),୨୭।୬

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ଅଧିକାଂଶ ମହାବିଦ୍ୟାଳୟରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ରଙ୍କ ଦ୍ୱିତୀୟ ସେମିଷ୍ଟାର ପରୀକ୍ଷା ବାତିଲ ନେଇ ଛାତ୍ରୀଛାତ୍ର ମହଲରେ ଅସନ୍ତୋଷ ସୃଷ୍ଟି ହୋଇଛି। ମଙ୍ଗଳବାର ଆମ୍ବପୁଆ ସ୍ଥିତ ସିଟି ମହାବିଦ୍ୟାଳୟରେ ମଧ ଏହାର ପ୍ରଭାବ ଦେଖିବାକୁ ମଳିଛି। ଯୁକ୍ତ ତିନି ଦ୍ୱିତୀୟ ବର୍ଷ ବାଣିଜ୍ୟ, କଳା ଓ ବିଜ୍ଞାନ ଛାତ୍ରମାନେ ମିଳିତ ଭାବେ ମହାବିଦ୍ୟାଳୟ ଫାଟକ ସମ୍ମୁଖରେ ପରୀକ୍ଷା ବାତିଲ ନିମନ୍ତେ ପାଟିତୁଣ୍ଡ କରିଥିବା ଦେଖିବାକୁ ମିଳିଥିଲା। ଏ ସମ୍ପର୍କରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ସହ ଯୋଗାଯୋଗ ବେଳେ ଅଧ୍ୟକ୍ଷା ଅନୁପସ୍ଥିତ ରହିଥିବା ଜଣାପଡ଼ିଛି। ସେହିପରି ମଙ୍ଗଳବାର ଅଧ୍ୟକ୍ଷା ଅନୁପସ୍ଥିତ ଥିବାରୁ ବୁଧବାର ଅଧ୍ୟକ୍ଷା ଆସିଲେ ଛାତ୍ରୀଛାତ୍ର ମିଳିତଭାବେ ଲିଖିତ ଅଭିଯୋଗ କରିବେ। ଯଦି କୌଣସି ପଦେକ୍ଷେପ ଗ୍ରହଣ କରାନଯାଏ ତେବେ ଆଗାମୀ ଦିନରେ ଛାତ୍ରୀଛାତ୍ର ରାଜରାସ୍ତାକୁ ଓହ୍ଲାଇବେ ବୋଲି କହିଛନ୍ତି।


ସିଟି ମହାବିଦ୍ୟାଳୟ ସମ୍ମୁଖରେ ଅଶାନ୍ତ ଛାତ୍ରଗୋଷ୍ଠୀଙ୍କ ଧାରଣା ।

## ପରୀକ୍ଷା ବାତିଲ ଦାବିରେ ଯୁକ୍ତ ୩ ଛାତ୍ରୀଛାତ୍ରଙ୍କ ଧାରଣା

ବ୍ରହ୍ମପୁର(ତନୁଶ୍ରୀ ନାହାକ),୨୭।୬

ବିଶ୍ୱବିଦ୍ୟାଳୟ ସମ୍ମୁଖରେ ଯୁକ୍ତ ୩ ଦ୍ୱିତୀୟ ବର୍ଷ ଛାତ୍ରୀଛାତ୍ର ଚତୁର୍ଥ ସେମିଷ୍ଟାର ପରୀକ୍ଷା ବାତିଲ ଦାବିନେଇ ଧାରଣା ଦେଇଛନ୍ତି। ମଙ୍ଗଳବାର ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ବ୍ରହ୍ମପୁର ଶଶିଭୂଷଣ ରଥ ସରକାରୀ ମହିଳା ମହାବିଦ୍ୟାଳୟ, ମହାମହାୟୀ ମହିଳା ମହାବିଦ୍ୟାଳୟ, ବିନାୟକ ଆଚାର୍ଯ୍ୟ ମହାବିଦ୍ୟାଳୟ, ଛତ୍ରପୁର ବିଜ୍ଞାନ ମହାବିଦ୍ୟାଳୟ, ପୁରୁଷୋତ୍ତମପୁର ତାରାତାରିଣୀ ମହାବିଦ୍ୟାଳୟ ଓ ଗୋପାଳପୁର ମହାବିଦ୍ୟାଳୟର ଛାତ୍ରୀଛାତ୍ରମାନେ ଆସନ୍ତା ଜୁଲାଇ ୪ ରୁ ଆରମ୍ଭ ହେବାକୁ ଥିବା ସେମାନଙ୍କ ଚତୁର୍ଥ ସେମିଷ୍ଟାର ପରୀକ୍ଷା ବାତିଲ କରିବା ଦାବିରେ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ପ୍ରଶାସନିକ କୋଠା ସମ୍ମୁଖରେ ଦୀର୍ଘ ସମୟ ଧରି ଧାରଣାରେ ବସିଥିଲେ। ଧାରଣାରତ ଛାତ୍ରୀଛାତ୍ରଙ୍କ ଅଭିଯୋଗ ମୁତାବକ ବର୍ତ୍ତମାନ ସୁଦ୍ଧା ସେମାନଙ୍କ ସମ୍ପୂର୍ଣ୍ଣ ପାଠ୍ୟଖସଡ଼ା ପୂରଣ ହୋଇନାହିଁ। ଏଣୁ ପରୀକ୍ଷା ବାତିଲ କରାଯିବା ସହ ପାଠ୍ୟଖସଡ଼ା ସମ୍ପୂର୍ଣ୍ଣ ହେବାପରେ ପୁନଃ ପରୀକ୍ଷା ଅନୁଷ୍ଠିତ କରିବା ନିମନ୍ତେ ଛାତ୍ରୀଛାତ୍ର ମାନେ ଦାବି କରିଛନ୍ତି। ଜଣେ ଛାତ୍ରୀଙ୍କ ଅଭିଯୋଗ ମୁତାବକ ସୋମବାର ଶଶିଭୁଷଣ ରଥ ସରାକରୀ ମହିଳା ମହାବିଦ୍ୟାଳୟ ଓ ଗୋପାଳପୁର ବିଜ୍ଞାନ ମହାବିଦ୍ୟାଳୟର ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟରେ ପହଞ୍ଚି ସେମାନଙ୍କ ଅସୁବିଧା ସମ୍ପର୍କରେ ପରୀକ୍ଷା ନିୟନ୍ତ୍ରକଙ୍କୁ ଭେଟି ଜଣାଇଥିଲେ। ଏହାପରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକ ଛାତ୍ରୀଛାତ୍ରଙ୍କୁ କହିଥିଲେ ଜଣେ ଦୁଇଜଣଙ୍କ ସକାଶେ ପରୀକ୍ଷା ତାରିଖ ଘୁଞ୍ଚାଇବା ଯୁକ୍ତିଯୁକ୍ତ ନୁହଁ ଓ ଅନ୍ୟକାହାର ଅଭିଯୋଗ ମଧ ହୋଇନାହିଁ। ଏହାପରେ ମଙ୍ଗଳବାର ବିଶ୍ୱବିଦ୍ୟାଳୟ ସହ ଅନୁବନ୍ଧିତ ବହୁ ମହାବିଦ୍ୟାଳୟର ପ୍ରାୟ ୫୦ରୁ ଉର୍ଦ୍ଧ୍ୱ ଛାତ୍ରୀଛାତ୍ର ବିଶ୍ୱବିଦ୍ୟାଳୟରେ ପହଞ୍ଚି ଧାରଣାରେ ବସିବା ସହ ପରୀକ୍ଷା ବାତିଲ ନିମନ୍ତେ କୁଳପତି ଓ ପରୀକ୍ଷା ନିୟନ୍ତ୍ରକଙ୍କୁ ଦାବି ଜଣାଇଥିଲେ।

ତେବେ ଛାତ୍ରୀଛାତ୍ରଙ୍କ ଅଭିଯୋଗ ପ୍ରକାରେ ବିଶ୍ୱବିଦ୍ୟାଳୟ ପରୀକ୍ଷା ନିୟନ୍ତ୍ରକଙ୍କ ଡ଼.ସତ୍ୟନାରାୟଣ କୁଣ୍ଡୁଙ୍କ ସହ ଯୋଗଯୋଗ ବେଳେ ସେ କହିଛନ୍ତି ଯେ, ପରୀକ୍ଷା ବାତିଲ କରାଯିବାର ପ୍ରଶ୍ନ ହିଁ ଉଠୁନି। କାରଣ ଗତ ବର୍ଷ ଠିକ ସମୟରେ ଜୁଲାଇ ମାସରୁ ପ୍ରତ୍ୟେକ ମହାବିଦ୍ୟାଳୟରେ ପାଠପଢ଼ା ଆରମ୍ଭ ହୋଇଛି। ପ୍ରତ୍ୟେକ ସେମିଷ୍ଟାର ନିମନ୍ତେ ୬ ମାସ ସମୟ ଧାର୍ଯ୍ୟ କରାଯାଉଛି। ଏହି ପ୍ରକାରେ ହିଁ ପରୀକ୍ଷା ତାରିଖ ଓ ସମୟ ସୀମା ଧାର୍ଯ୍ୟ କରାଯାଏ। ଯଦି ପରୀକ୍ଷା ବାତିଲ କରାଯିବ ତେବେ ଆଗାମୀ ସମୟରେ ଛାତ୍ରୀଛାତ୍ର ନିଜେ ଅସୁବିଧାର ସମ୍ମୁଖୀନ ହେବେ। କମ୍ପିଟେଟିଭ, ଆଇଆଇଟି ଭଳି ଅନ୍ୟ ପରୀକ୍ଷା ନିମନ୍ତେ ଆବେଦନ କରିବା ସମୟରେ ସେମାନଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିବ। ସେହିପରି ଯଦି ଛାତ୍ରୀଛାତ୍ର କହୁଛନ୍ତି ସେମାନଙ୍କ ମହାବିଦ୍ୟାଳୟରେ ପାଠାପଢ଼ା ହୋଇନାହିଁ ତେବେ ସମ୍ପୃକ୍ତ ଛାତ୍ରୀଛାତ୍ରମାନେ ମହାବିଦ୍ୟାଳୟ ଅଧ୍ୟକ୍ଷଙ୍କ ସହ ଯୋଗାଯୋଗ କରି ଲିଖିତ ଭାବେ ଏ ସଂକ୍ରାନ୍ତରେ ଜଣାନ୍ତୁ। ତେବେ ଉଚ୍ଚଶିକ୍ଷା ବିଭାଗ ସହ ଆଲୋଚନା କରାଯାଇ ଏହାର କିଛି ଉପାୟ ବାହାର କରାଯାଇପାରିବ। ପୂର୍ବରୁ କରୋନା ମହାମାରୀ କାରଣରୁ ଛାତ୍ରୀଛାତ୍ର ଦୁଇ ବର୍ଷ ଧରି ବହୁ ଅସୁବିଧାର ସମ୍ମୁଖୀନ ହୋଇଛନ୍ତି। ପାଠପଢ଼ା ସମ୍ପୂର୍ଣ୍ଣ ବିପର୍ଯ୍ୟସ୍ତ ହୋଇଥିଲା। ଦୁଇ ବର୍ଷ ପରେ ଶିକ୍ଷାବ୍ୟବସ୍ଥା ବର୍ତ୍ତମାନ ଟ୍ରାକକୁ ଫେରିଛି ଏବେ ପୁଣି ଯଦି ପରୀକ୍ଷା ତାରିଖ ପରିବର୍ତ୍ତନ କରାଯିବ ତେବେ ବହୁ ଅବ୍ୟବସ୍ଥା ସୃଷ୍ଟି ହେବ ବୋଲି ପରୀକ୍ଷା ନିୟନ୍ତ୍ରକ ଡ଼.କୁଣ୍ଡୁ ଏବଂ ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଗୀତାଞ୍ଜଳି ଦାସ କହିଛନ୍ତି।


ପ୍ରଶାସନିକ କୋଠା ସମ୍ମୁଖରେ ଛାତ୍ରୀଛାତ୍ରଙ୍କ ଧାରଣା

**ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ**

